
ଅପରାଜିତା

'କାଦମ୍ବିନୀ' - ୨୨ଶ ବର୍ଷ, ୪ର୍ଥ ସଂଖ୍ୟା
ଅକ୍ଟୋବର ୨୦୨୧

# ପୂଜା ସ୍ୱତନ୍ତ୍ର

## ସୂଚିପତ୍ର

**ସମ୍ପାଦକୀୟ:**
ବାତାୟନ ........ ୦୮
➥ ଇତି ସାମନ୍ତ

**ବିଶେଷ ପ୍ରସଙ୍ଗ:**
ଯୁଗେ ଯୁଗେ ଶକ୍ତି ପୂଜା ........ ୧୮
➥ ମନୋରଞ୍ଜନ ନନ୍ଦ

**ଶ୍ରଦ୍ଧାଞ୍ଜଳି:**
ମହୀୟସୀଙ୍କୁ ଶ୍ରଦ୍ଧାଞ୍ଜଳି ........ ୨୦
➥ ଇତି ସାମନ୍ତ

**ମୟୂରଭଞ୍ଜ ବିଶେଷାଙ୍କ:**
ମୟୂରଭଞ୍ଜ ବିଶେଷାଙ୍କ ସଂପର୍କରେ... ........ ୨୨
➥ ସମ୍ପାଦିକା

ବେଲଗାଡ଼ିଆ ରାଜପ୍ରାସାଦ ଓ ଦୁଇ ରାଜକନ୍ୟା ........ ୨୪
➥ ଇତି ସାମନ୍ତ

ମୟୂରଭଞ୍ଜ ଇତିହାସ: ଏକ ଅଧ୍ୟୟନ ........ ୪୨
➥ ମୋହିତ କୁମାର ଷଡ଼ଙ୍ଗୀ

ଆସ ବୁଲିଯିବା ଭଞ୍ଜଭୂଇଁ ........ ୪୮
➥ ତରୁଣ କୁମାର ଓଝା

ମୟୂରଭଞ୍ଜର ପର୍ବପର୍ବାଣି ........ ୫୬
➥ ନାକୁ ହାଁସଦା

ମୟୂରଭଞ୍ଜ ଜନଜାତିଙ୍କ ଉପାସ୍ୟ ଦେବଦେବୀ ........ ୬୨
➥ ସୁମନ୍ତ ନାଏକ

ବାଥୁଡ଼ି ଜନଜାତିଙ୍କ ଅଠର ଦେଉଳ: ବଡ଼ାମ୍ ପୂଜନ ପରମ୍ପରା ........ ୬୬
➥ ରଞ୍ଜନ ପ୍ରଧାନ

ଚଳଚ୍ଚିତ୍ର ଦୁନିଆରେ ମୟୂରଭଞ୍ଜ ........ ୭୨
➥ ସୁନୀଲ ଜେନା

ପ୍ରକୃତି ଓ ବାହାପାରାବ୍ ........ ୮୦
➥ ଦିଗମ୍ବର ଗିରି

ଅମର ସଙ୍ଗୀତର ସ୍ୱର: ଝୁମର୍ ........ ୮୪
➥ ମିଲନ ମହାନ୍ତ

ଛଉ ........ ୮୮
➥ ସତ୍ୟଜିତ୍ ସୋମ୍

ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ........ ୯୨
➥ ବିଭୁପ୍ରସାଦ ଦାସ

ମୟୂରଭଞ୍ଜର ଗଞ୍ଜା ଲଢ଼େଇ ........ ୯୪
➥ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

ଜାହିରା ........ ୯୮
➥ ହରିଶ ଚୌଧୁରୀ




ପ୍ରଚ୍ଛଦ ପରିକଳ୍ପନା: ଇତି ସାମନ୍ତ
ଆଲୋକଚିତ୍ର: ମାନସ ରଞ୍ଜନ ରଥ

### ପ୍ରଚ୍ଛଦରେ...

'କାଦମ୍ବିନୀ'ର ଚଳିତ ସଂଖ୍ୟା ପ୍ରଚ୍ଛଦପୃଷ୍ଠା ମଣ୍ଡନ କରିଛନ୍ତି ମୟୂରଭଞ୍ଜ ଭଞ୍ଜ ରାଜବଂଶର ବର୍ତ୍ତମାନର **ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ** ଏବଂ ଦୁଇ ରାଜକନ୍ୟା **ମୃଣାଳିକା ମଞ୍ଜରୀ** ଓ **ଅକ୍ଷିତା ମଞ୍ଜରୀ**। ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ହେଉଛନ୍ତି ରାଜସ୍ଥାନ ଜୟସାଲ୍ମର୍ ରାଜବଂଶର ଏବଂ ଉଭୟ ମୃଣାଳିକା ମଞ୍ଜରୀ ଓ ଅକ୍ଷିତା ମଞ୍ଜରୀ ବେଶ୍ ଉଚ୍ଚଶିକ୍ଷିତା ଓ ଆଧୁନିକା। କୋଲକାତାରେ ସେମାନଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିବାବେଳେ ସିଙ୍ଗାପୁରରେ ମାଧ୍ୟମିକ ଏବଂ ଆମେରିକାରେ ଉଚ୍ଚଶିକ୍ଷା ସମାପ୍ତ ହୋଇଛି। ସେମାନଙ୍କ ସମ୍ପର୍କରେ ଅଧିକ ଜାଣନ୍ତୁ ୨୪ ପୃଷ୍ଠାରେ।

**ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ଦୁର୍ଗା ପୂଜା ଓ ଦଶହରା, କୁମାର ପୂର୍ଣ୍ଣିମା ଅବସରରେ 'କାଦମ୍ବିନୀ'ର ପାଠକ-ପାଠିକା, ଲେଖକ-ଲେଖିକା, ବିଜ୍ଞାପନଦାତା, ବିକ୍ରେତା ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ ଅଭିନନ୍ଦନ।**
- କାଦମ୍ବିନୀ ପରିବାର

ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଥିବା ସଭିଙ୍କର ପ୍ରିୟ ପତ୍ରିକା 'କାଦମ୍ବିନୀ' ପ୍ରତ୍ୟେକ ମାସରେ ପ୍ରକାଶ ପାଉଛି ଆଉ ବଜାରରେ ଉପଲବ୍ଧ ହେଉଛି। ଯଦି କୌଣସି କାରଣରୁ ଆପଣମାନେ **'କାଦମ୍ବିନୀ'**ର ଛାପା ସଂସ୍କରଣ ପାଇପାରୁ ନାହାନ୍ତି, ତେବେ ଘରେ ରହି ୱେବ୍‌ସାଇଟ୍‌ରେ ପଢ଼ିପାରିବେ **'କାଦମ୍ବିନୀ'**ର ଡିଜିଟାଲ୍ ସଂସ୍କରଣ। www.kadambini.orgକୁ ଯାଇ ଅନ୍‌ଲାଇନ୍‌ରେ 'କାଦମ୍ବିନୀ'ର ଡିଜିଟାଲ୍ ସଂସ୍କରଣ ପଢ଼ନ୍ତୁ ଆଉ ଅନ୍ୟମାନଙ୍କୁ ପଢ଼ିବାକୁ କୁହନ୍ତୁ।



# ମୟୂରଭଞ୍ଜର ପର୍ବପର୍ବାଣି

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମୟୂରଭଞ୍ଜ ଓଡ଼ିଶାର ଏକ ଉପାନ୍ତ ଅଞ୍ଚଳ। ଏହି ଜିଲ୍ଲାକୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସୀମା ସଂଲଗ୍ନ ହୋଇ ରହିଛି। ତେଣୁ ଏହି ଜିଲ୍ଲାର ଭାଷା ଓ ସଂସ୍କୃତିରେ ଉଭୟ ରାଜ୍ୟର ପ୍ରଭାବ ପରିଲକ୍ଷିତ। ତଥାପି ଜିଲ୍ଲାର ପ୍ରତ୍ୟେକ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ରହିଛି। ପର୍ବପର୍ବାଣି ପାଳନରେ ମଧ୍ୟ ବିଶେଷତ୍ୱ ବଜାୟ ରହିଆସିଛି। ମୟୂରଭଞ୍ଜର ପର୍ବପର୍ବାଣି ପ୍ରସଙ୍ଗ ଏକ ବିସ୍ତୃତ ବିଷୟ। ଏହାକୁ ସୀମିତ କଳେବର ମଧ୍ୟରେ ଆଲୋଚନା କରିବା ସମ୍ଭବ ନୁହେଁ। ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ ନ୍ୟାୟରେ ଏଠାରେ କେବଳ ପ୍ରତୀକାତ୍ମକ ଭାବେ ସୀମିତ ସଂଖ୍ୟକ ପର୍ବପର୍ବାଣିର କଥା ଆଲୋଚନା କରାଯାଉଛି।

ପର୍ବପର୍ବାଣିର କଥା ଆଲୋଚନା କରାଯିବା ପୂର୍ବରୁ ଆଉ ଏକ ସୂଚନା ଦିଆଯିବାର ଆବଶ୍ୟକତା ରହିଛି। ମୟୂରଭଞ୍ଜ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଜିଲ୍ଲାରେ ମୋଟ ଜନସଂଖ୍ୟାର ସିଂହଭାଗ ଲୋକ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଏବେ ଆସନ୍ତୁ ମୟୂରଭଞ୍ଜ ଜିଲ୍ଲାର କେତୋଟି ପ୍ରମୁଖ ପର୍ବପର୍ବାଣି ସଂପର୍କରେ ଆଲୋଚନା କରିବା।




**ନାକୁ ହାଁସ୍‌ଦାଃ**

**ସଂଯୋଜକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ସମ୍ବଲପୁର-୭୬୮୦୧୯**


**ପଣାସଂକ୍ରାନ୍ତି (ଛାତୁକୁଣ୍ଡା ପର୍ବ):**

ପଣା ସଂକ୍ରାନ୍ତି ହିନ୍ଦୁ ତଥା ଆର୍ଯ୍ୟ ସଂସ୍କୃତିର ଏକ ବିଶିଷ୍ଟ ପର୍ବ। ଏଠାରେ ଏ କଥା ଉଲ୍ଲେଖଯୋଗ୍ୟ ଯେ, ଆଦିବାସୀ ପରମ୍ପରାରେ ସଂକ୍ରାନ୍ତି ପାଳନର ବିଧି ନାହିଁ। ତେଣୁ ପଣାସଂକ୍ରାନ୍ତି ପାଳନର କଥା ଯେତେବେଳେ ଆସୁଛି, ସେତେବେଳେ ସମଗ୍ର ମୟୂରଭଞ୍ଜର ଅଧିବାସୀମାନଙ୍କ କଥା ବିଚାରକୁ ନେଲେ ଜଣାଯାଇଥାଏ ଯେ କେବଳ ସୀମିତ ସଂଖ୍ୟକ ଲୋକ ଏହାକୁ ସଂକ୍ରାନ୍ତି ଭାବରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବହୁସଂଖ୍ୟକ ତଥା ସାମୂହିକ ଭାବେ ପର୍ବ ରୂପରେ ପାଳନ କରିଥାନ୍ତି। ଏହି ଅବସରରେ ଯେଉଁ ପର୍ବଟିକୁ ଭଞ୍ଜବାସୀ ପାଳନ କରନ୍ତି, ତାହାକୁ ଛାତୁକୁଣ୍ଡା ପର୍ବ କୁହାଯାଇଥାଏ। ପର୍ବ ଉପଲକ୍ଷେ ପ୍ରତ୍ୟେକଙ୍କ ଘରେ ଛତୁଆ ପ୍ରସ୍ତୁତ କରାଯାଇଥାଏ। ଏହା ଚାଉଳ ଭଜା, ବୁଟୁଚଣା ଭଜା, ଗହମ ଭଜା, ମକା ଭଜା ଆଦିକୁ ଏକତ୍ର ମିଶାଇ ଢ଼ିଙ୍କି ବା ହେମଦସ୍ତା ଦ୍ୱାରା କୁଟାଯାଇ ଚୂର୍ଣ୍ଣ କରାଯାଇଥାଏ। ଏଥିରେ ଆବଶ୍ୟକତାନୁସାରେ ଲୁଣ ଓ ଚିନି ମିଶାଯାଇ ପାଣିରେ ବତୁରା ଯାଇଥାଏ ଏବଂ ପରେ ଏହାକୁ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ। ଏହାବ୍ୟତୀତ ପ୍ରତ୍ୟେକଙ୍କ ଘରେ ମାଂସ, ଭାତ ଓ ପାନୀୟର ବ୍ୟବସ୍ଥା କରାଯାଇଥାଏ। ଏହି ପର୍ବ ଅବସରରେ ମଧ୍ୟ ଅନ୍ୟ ପର୍ବମାନଙ୍କରେ ଯେପରି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ନିଜର ପିତୃପୁରୁଷଙ୍କୁ ପୂଜାର୍ଚ୍ଚନା କରିଥାନ୍ତି, ସେହିପରି କରାଯାଇଥାଏ।

ଏହି ପର୍ବଟିକୁ ବର୍ଷର ଆଦ୍ୟପର୍ବ ଭାବରେ ଗ୍ରହଣ କରାଯାଇଥାଏ। ଲୋକ ବିଶ୍ୱାସ ରହିଛି ଯେ, ଏହି ପର୍ବଟିକୁ ଯେଉଁମାନେ ଠିକ୍‌ଭାବରେ ପାଳନ କରିନଥାନ୍ତି, ସେମାନେ ବର୍ଷ ତମାମ୍ ଅନ୍ୟ ଯେତେ ପର୍ବ ରହିଛି, ତାହାକୁ ମଧ୍ୟ ପାଳନ କରିପାରି ନ ଥାନ୍ତି। ଅର୍ଥାତ୍ ବର୍ଷସାରା ସେମାନେ ପର୍ବପର୍ବାଣି ପାଳନ ଦୃଷ୍ଟିରୁ ଫିକା ପଡ଼ିଯାଇ ଥାନ୍ତି। ତେଣୁ ସମସ୍ତେ ନିଜ ନିଜର ସାଧ ଅନୁସାରେ ପର୍ବଟିକୁ ଭଲ ଭାବରେ ପାଳନ କରିବା ପାଇଁ ଯତ୍ନବାନ, ହୋଇଥାନ୍ତି। ଏହି ପର୍ବ ପାଳନ ଅବସରରେ ଅନ୍ୟ ଯେଉଁସବୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ, ତାହାକୁ ନିମ୍ନ ପ୍ରକାରେ ଆଲୋଚନା କରାଯାଇପାରେ।

**ଛଉ ନୃତ୍ୟ:** ଛଉ ନୃତ୍ୟ ମୟୂରଭଞ୍ଜର ଏକ ବହୁ ପରିଚିତ ନୃତ୍ୟ। ପଣାସଂକ୍ରାନ୍ତି ତଥା ଛାତୁକୁଣ୍ଡା ପର୍ବ ପାଳନ ଅବସରରେ ଏହା ବିଭିନ୍ନ ଗ୍ରାମରେ ପରିବେଷଣ କରାଯାଇଥାଏ। ଏହି ନୃତ୍ୟକୁ କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନୃତ୍ୟ ଭାବେ ଗ୍ରହଣ କରାଯାଇପାରିବ ନାହିଁ। କାରଣ ନୃତ୍ୟଟିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅଂଶଗ୍ରହଣ କରିଥାନ୍ତି। ତେଣୁ ଏହାକୁ ଏହି ମାଟିର ଏକ ପ୍ରାଚୀନ ତଥା ଲୋକପ୍ରିୟ ନୃତ୍ୟ ଭାବରେ ଗ୍ରହଣ କରାଯାଇପାରେ। ନୃତ୍ୟଟି ଛାତୁକୁଣ୍ଡା ପର୍ବ ଦିନ ବିଭିନ୍ନ ଦେବାଳୟ ବିଶେଷତଃ ଶିବମନ୍ଦିର ସମ୍ମୁଖରେ ପରିବେଷଣ ହେଉଥିବାର ଦେଖାଯାଇଥାଏ।

**ଉଡ଼ାପର୍ବ (ଆକାପାତା):** ଛାତୁକୁଣ୍ଡା (ପଣା ସଂକ୍ରାନ୍ତି) ଅବସରରେ କେତେକ ସ୍ଥାନରେ ବିଶେଷତଃ ପ୍ରାଚୀନ ଶୈବପୀଠମାନଙ୍କରେ ଉଡ଼ାପର୍ବ ବା ଆକାପାତା ପାଳନ କରାଯାଉଥିବା ଜଣାଯାଇଥାଏ। ଏହା ମୟୂରଭଞ୍ଜ ବାମନଘାଟିର ରାଇରଙ୍ଗପୁରସ୍ଥ ଗଡ଼ତଳ ଓ ତିରିଂରେ ଅନୁଷ୍ଠିତ ହୋଇଆସୁଛି। ରାଇରଙ୍ଗପୁରର ଏହି ଉତ୍ସବଟି ବହୁ ପ୍ରାଚୀନ କାଳରୁ ଏପରିକି ଯେତେବେଳେ ଏଠାକାର ନରପତି ନରେନ୍ଦ୍ର ମହାପାତ୍ର (ଧରୁଆ) ଥିଲେ, ତାଙ୍କ ସମୟରୁ ଏହା ପାଳନ କରାଯାଇ ଆସୁଥିବା କୁହାଯାଇଥାଏ। ସେତେବେଳେ ବାମନାଘାଟି ମୟୂରଭଞ୍ଜ ସହିତ ମିଶି ନ ଥିଲା। ଏହା ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା। ଏଥିରେ ଭକ୍ତମାନଙ୍କ ଆଚରଣରୁ ପର୍ବଟି ତନ୍ତ୍ର ଉପାସନା ସହିତ ସମ୍ବନ୍ଧିତ ଥିବା ଜଣାଯାଇଥାଏ। ଉଡ଼ାପର୍ବରେ ଯେଉଁ ଭକ୍ତମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରନ୍ତି, ସେମାନଙ୍କୁ ଭକତା କୁହାଯାଏ। ଏମାନେ ୨୧ ଦିନରୁ ଶୁଚିବନ୍ତ ହୋଇ ରହିଥାନ୍ତି। ପଣାସଂକ୍ରାନ୍ତି ଦିନ ୨୦/୨୧ ହାତ ଲମ୍ବର ଉଚ୍ଚ କାଠଖମ୍ବ ଉପରେ ଅନ୍ୟ ଏକ କାଠ ଡେଣ୍ଡା ପରି ଯାହା ଖଞ୍ଜା ଯାଇଥାଏ, ସେଥିରେ ସେମାନଙ୍କୁ ଝୁଲାଇ ଚତୁର୍ଦ୍ଦିଗରେ ବୁଲାଯାଇଥାଏ। ଉଲ୍ଲେଖଯୋଗ୍ୟ, ଭକତାମାନଙ୍କ ପିଠିରେ ବନ୍‌ଶୀ ଆକୃତିର ବଡ଼ବଡ଼ ଲୌହଦଣ୍ଡରେ ଫୋଡ଼ାଯାଇଥାଏ। ଏତେବେଳକୁ ସେମାନଙ୍କ ପିଠିରୁ ରକ୍ତସ୍ରାବ ହେଉଥାଏ। କିନ୍ତୁ ସେମାନଙ୍କ ମୁଖମଣ୍ଡଳରୁ ହର୍ଷ ଓ ଉଲ୍ଲାସର ଭାବ ନିର୍ଗତ ହେଉଥିବା ଦେଖି ଲୋକେ ବିସ୍ମୟାଭିଭୂତ ହୋଇଥାନ୍ତି।

ସେହିପରି ଅନ୍ୟ କେତେକ ଭକତା ଦୁଇବାହୁକୁ ଫୋଡ଼ି ରାସ୍ତାରେ ନାଚି ନାଚି ମନ୍ଦିର ଆଡ଼କୁ ଅଗ୍ରସର ହେଉଥାନ୍ତି। ପରେ ମନ୍ଦିରର ଚତୁପାର୍ଶ୍ୱରେ ପରିକ୍ରମା ଅନ୍ତେ ନୃତ୍ୟଟିକୁ ସମାପ୍ତ କରିଥାନ୍ତି।

**ବୈଶାଖ ପୂର୍ଣ୍ଣିମା (ଗୁରୁକୁନାମୀ):**

ବୈଶାଖ ପୂର୍ଣ୍ଣିମାକୁ ମୟୂରଭଞ୍ଜରେ ଏବେ ଗୁରୁକୁନାମୀ ଅର୍ଥାତ୍ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମତିଥି ଭାବେ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଉଛି। ସମଗ୍ର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ସାନ୍ତାଳୀ ଭାଷାପ୍ରେମୀମାନଙ୍କ ଦ୍ୱାରା ଏହା ପାଳନ କରାଯାଇଥାଏ। ଅବଶ୍ୟ ଏହା ମୟୂରଭଞ୍ଜ ବା ଓଡ଼ିଶା ମଧ୍ୟରେ ସୀମିତ ହୋଇ ରହିନାହିଁ। ଓଡ଼ିଶା ବାହାରେ ଭାରତର ଅନ୍ୟ ରାଜ୍ୟ, ଏପରିକି ଦେଶ ବାହାରେ ବାଂଲାଦେଶ, ନେପାଳ ଆଦି ଦେଶମାନଙ୍କରେ ମଧ୍ୟ ଏହା ପାଳନ କରାଯାଉଛି। ଶ୍ରୀଯୁକ୍ତ ମୁର୍ମୁଙ୍କ ଜନ୍ମମାଟି ଡାଣ୍ଡବସ (ରାଇରଙ୍ଗପୁର) ଠାରେ ଏହା ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ।

**ରଜ ସଂକ୍ରାନ୍ତି (ରଜପର୍ବ):**

ମୟୂରଭଞ୍ଜ ଜିଲ୍ଲାରେ ରଜ ସଂକ୍ରାନ୍ତିକୁ ରଜପର୍ବ ଭାବେ ପାଳନ କରାଯାଇଥାଏ। ଏହାକୁ ସାନ୍ତାଳୀ ଭାଷାରେ ରାଜାସାଲା ବା ରାଜ୍ ସାକ୍ରାତ୍ ବୋଲି ମଧ୍ୟ କୁହାଯାଇଥାଏ। ପର୍ବଟି ମୁଖ୍ୟତଃ ଝିଅମାନଙ୍କ ସକାଶେ ପାଳନ କରାଯାଉଥିବା ହେତୁ ଦୋଳି ଖେଳ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଲୋକବିଶ୍ୱାସ ରହିଛି, ଧରିତ୍ରୀ ମାତା ଏହିଦିନ ରଜବତୀ ହୋଇଥାନ୍ତି। ଏଥିସକାଶେ ହିଁ ଏହି ଦିନ ଭୂମିକର୍ଷଣ କରାଯାଇ ନ ଥାଏ। ଏପରିକି ଲଙ୍ଗଳକୁ ମଧ୍ୟ ଭୂମିରେ ସ୍ପର୍ଶ କରାଇ ଦିଆଯାଇ ନଥାଏ। ତାହାକୁ ବୃକ୍ଷ, ପ୍ରସ୍ତର ଅଥବା ଅନ୍ୟ କାହା ଉପରେ ରଖାଯାଇଥାଏ, ଯେପରି ଭୂମିକୁ ସ୍ପର୍ଶ କରିବ ନାହିଁ। ସେହିପରି ମଧ୍ୟ ରଜପର୍ବ ଅବସରରେ ବିଭିନ୍ନ କିସମର ଖାଦ୍ୟ ଦ୍ରବ୍ୟାଦି ପ୍ରସ୍ତୁତ କରାଯାଇ ପରିବାର ଓ ବନ୍ଧୁ ପରିଜନଙ୍କ ସହିତ ଭୋଜନ କରାଯାଇଥାଏ।

**ହାର୍ନା ପାତା (ହରିଣାମେଳା):** ଏହି ମେଳାଟି ରଜପର୍ବ ଉପଲକ୍ଷେ ହରିଣା ଗ୍ରାମରେ ପାଳନ କରାଯାଇଥାଏ। ଏହା ପୂର୍ବରୁ ଏହି ଗ୍ରାମ ଓଡ଼ିଶାରେ ଥିଲା। ଏବେ ଓଡ଼ିଶା ତଥା ମୟୂରଭଞ୍ଜର ସୀମାରେଖା ପାଖରୁ ଆଠ କି.ମି. ଦୂରରେ ଏହି ଗ୍ରାମ ଅବସ୍ଥିତ। ଏଠାରେ ଏକ ପ୍ରାଚୀନ ଶିବ ମନ୍ଦିର ରହିଛି। ଏଠାରେ ମଧ୍ୟ ମାଆ ରଙ୍କିଣୀ ପୂଜା ପାଉଛନ୍ତି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀଗଣେଶ ମନ୍ଦିର, ଶ୍ରୀବିଷ୍ଣୁ ମନ୍ଦିର ଏବଂ ଶ୍ରୀହରିମନ୍ଦିର ଆଦି ସ୍ଥାପନ କରାଯାଇ ଅଛି। ସ୍ଥାନଟି ଜଙ୍ଗଲ ତଥା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ହେତୁ ଦେଖଣାହାରୀଙ୍କ ମନ ଜିଣି ନେଇଥାଏ। ଏଠାରେ ତିନିଦିନ ଧରି ମେଳା ଅନୁଷ୍ଠିତ ହୁଏ। ମେଳାରେ କଂସାବାସନ, କଂସା ଓ ପିତ୍ତଳର ବିଭିନ୍ନ ମୂର୍ତ୍ତି ବିକ୍ରୟ କରାଯାଇଥାଏ। ରଜସଂକ୍ରାନ୍ତି ଦିନ ବହୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ମନ୍ଦିର ପାଖରୁ ତିନି କି.ମି. ଦୂରରେ ଥିବା ଏକ ପୋଖରୀରେ ସ୍ନାନକରି ଅଧିଆ ପଡ଼ିପଡ଼ି ଆସିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥାଏ।

**ରଥଯାତ୍ରା:**

ମୟୂରଭଞ୍ଜ ରାଜ୍ୟର ରାଜଧାନୀ ତଥା ଆଜିର ସଦର ମହକୁମା ବାରିପଦାର ଜଗନ୍ନାଥ ମନ୍ଦିରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦିଆଯାଇଥାଏ। ଶ୍ରୀକ୍ଷେତ୍ର ଅନୁରୂପ ଏଠାରେ ମଧ୍ୟ ସମସ୍ତ ପ୍ରକାର ନୀତିକାନ୍ତି ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ବାରିପଦାକୁ ଛାଡ଼ି ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ମଧ୍ୟ ଛୋଟବଡ଼ ଶ୍ରୀଜଗନ୍ନାଥ ମନ୍ଦିରମାନ ରହିଥିବା ଜଣାଯାଇଥାଏ। ଏହା ଜିଲ୍ଲାର ଅନ୍ୟ ତିନିଟି ସବ୍‌ଡିଭିଜନ ମୁଖ୍ୟାଳୟ ରାଇରଙ୍ଗପୁର, କରଞ୍ଜିଆ ଓ ଉଦଳା ସମେତ ଅନ୍ୟ କେତେକ ସହର ତଥା ଗ୍ରାମାଞ୍ଚଳରେ ରହିଥିବାର



କରାଯାଇଥାଏ। ଏହିସବୁ ସ୍ଥାନରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଅବଶ୍ୟ ବାରିପଦାକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନରେ ତିନିଟି ରଥ ନିର୍ମାଣ କରାଯାଇ ନ ଥାଏ। ସେହିପରି ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ରଥଯାତ୍ରା ଦିନ ମୟୂରଭଞ୍ଜରେ ରଥଯାତ୍ରା ନ ହୋଇ ଏହାର ଦିନକ ପରେ ଅର୍ଥାତ ତା'ପରଦିନ ଏହା ଅନୁଷ୍ଠିତ ହୋଇଥାଏ। ବାହୁଡ଼ା ଯାତ୍ରା ମଧ୍ୟ ତଦ୍ ଅନୁରୂପ ଦିନକ ପରେ ପାଳନ କରାଯାଇଥାଏ। ଏଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଜନସାଧାରଣ ଅଂଶଗ୍ରହଣ କରୁଥିବା ଦେଖାଯାଇଥାଏ। ତେଣୁ ଏହାକୁ ମୟୂରଭଞ୍ଜର ସାର୍ବଜନୀନ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ।

ବାରିପଦା ରଥଯାତ୍ରାର ଯେଉଁସବୁ ବିଶେଷତ୍ୱ ରହିଛି, ସେଥିମଧ୍ୟରୁ ସୁଭଦ୍ରାଙ୍କ ରଥକୁ ମହିଳାମାନଙ୍କ ଦ୍ୱାରା ଟଣାହେବା ଏକ ନିଆରା ପରମ୍ପରା। ସେହିପରି ମଧ୍ୟ ଏଠାକାର ରଥ ଦଉଡ଼ି ପୂର୍ବରୁ ଶିଆଳୀ ଲତାର ଛାଲରେ ପ୍ରସ୍ତୁତ କରାଯାଉଥିଲା। ଏହି କାର୍ଯ୍ୟ ପୂର୍ବରୁ ବଣ ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ଦ୍ୱାରା କରାଯାଉଥିଲା। ସେମାନେ ଏହାକୁ ଅତି ଆନନ୍ଦର ସହିତ କରିଆସୁଥିଲେ। ଏଥିସକାଶେ ମହାରାଜା ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରୁଥିଲେ। ଏହାକୁ ଆଦିବାସୀମାନେ ଉପହାର ଭାବେ ଗ୍ରହଣ କରିନେଉଥିଲେ। ଏବେ ଶିଆଳୀ ଲତାର ଦଉଡ଼ି ପରିବର୍ତ୍ତେ ନଡ଼ିଆକତାର ଦଉଡ଼ି ବ୍ୟବହାର କରାଯାଉଛି।

**ଗହ୍ମା ପର୍ବ (ରକ୍ଷା ବନ୍ଧନ):**

ମୟୂରଭଞ୍ଜରେ ରକ୍ଷାବନ୍ଧନ ବା ରାକ୍ଷୀପୂର୍ଣ୍ଣିମାର ଏକ ସ୍ୱତନ୍ତ୍ର ପାଳନ ବିଧି ରହିଥିଲେ ମଧ୍ୟ ଏଠାକାର ଗ୍ରାମାଞ୍ଚଳ ତଥା ଆଦିବାସୀ, ଶ୍ରମଜୀବୀ ଓ କୃଷିଜୀବୀଙ୍କ ମଧ୍ୟରେ ଗହ୍ମା ପର୍ବର ଉତ୍ସାହକୁ ଅନୁଭବ କରାଯାଏ। ସାନ୍ତାଳୀ ଭାଷାରେ ଲୋକୋକ୍ତିଟିଏ ରହିଛି, 'ଗହ୍ମାରେଦ ଗଂଘା ପିଠା' ଅର୍ଥାତ୍ ଗହ୍ମାପର୍ବରେ ଗେଣ୍ଡାପିଠା କରାଯାଇଥାଏ। ବାସ୍ତବରେ ଏହି ପିଠା କିନ୍ତୁ କରାଯାଇନଥାଏ। ହୁଏତ ଅତୀତରେ କେବେ କେଉଁଠି ଏହି ଧରଣର ପିଠା କେଉଁଠି କରାଯାଉଥିଲା, କିନ୍ତୁ ଏବେ ଏହା ବିରଳ। ଏବେ ଅବଶ୍ୟ ମାଂସପୁର ଦିଆ ପିଠା ପ୍ରସ୍ତୁତ ହେଉଥିବା ଦେଖାଯାଇଥାଏ। ସାଧାରଣତଃ ଏହା ସାନ୍ତାଳ, ମୁଣ୍ଡା, ମାହାଲୀ, ହୋ, ମାହାତୋ, ବୀରହଲ୍ ଓ ଅନ୍ୟକେତେକ ସମ୍ପ୍ରଦାୟ ମଧ୍ୟରେ ପ୍ରସ୍ତୁତ ହେଉଥିବା ଦେଖାଯାଇଥାଏ।

ଏହି ପର୍ବ ଅବସରରେ କେତେକ ଗ୍ରାମରେ କରମା ପୂଜା କରାଯାଉଥିବା ଦେଖାଯାଇଥାଏ। ସେହିସବୁ ଗ୍ରାମରେ ଆଖଡ଼ାରେ କରମା ଗଛର ଡାଳକୁ ଆଣି କରମ ଗୋସେଇଁ ଭାବେ ସଂସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ବିଶ୍ୱାସ ରହିଛି, ଏତେବେଳକୁ କରମା ପୂଜା କଲେ ଧାନଗଛରେ କୌଣସି ଅନିଷ୍ଟକାରକ କୀଟ ଲାଗନ୍ତି ନାହିଁ ଏବଂ ଭଲ ଫସଲ ହୋଇଥାଏ। ପୂଜା କରାଯିବା ସମେତ କରମ ଗୋସେଇଁଙ୍କୁ ସନ୍ତୁଷ୍ଟ କରିବା ସକାଶେ ମାଦଳର ତାଳେ ତାଳେ ରିଞ୍ଜାନୃତ୍ୟ ପରିବେଷଣ କରାଯାଇଥାଏ। ଏହା କରମ ଗୋସେଇଁ ଥିବା ପର୍ଯ୍ୟନ୍ତ ଅହରହ ଚାଲିଥାଏ। ଏଥିରେ ଉଭୟ ପୁରୁଷ ଓ ନାରୀ ଅଂଶଗ୍ରହଣ କରିଥାନ୍ତି। ସେହିପରି ଗହ୍ମା ପର୍ବର ଅନ୍ୟ ଏକ ବିଶେଷତ୍ୱ ହେଉଛି, ପର୍ବଦିନ କୌଣସି ଲୋକ ବିଲବାଡ଼ିରେ କାମ କରନ୍ତି ନାହିଁ। ଲୋକ ବିଶ୍ୱାସ ରହିଛି, ଏହି ଦିନରେ କେହି ବିଲବାଡ଼ିରେ କାମକଲେ ସେ ସର୍ପ ହୋଇଯିବେ। ଅପରପକ୍ଷରେ ଖାଦ୍ୟପେୟ ସମାପନ ଅନ୍ତେ ସମସ୍ତ କୃଷିକାରୀ ନିଜନିଜ କୃଷିକ୍ଷେତ୍ରକୁ ପରିକ୍ରମା କରି ଆସିବାର ବିଧି ରହିଛି। ଏହି କାର୍ଯ୍ୟକୁ 'ବାଦ୍‌ହିରି' (କ୍ଷେତବୁଲା) ବୋଲି କୁହାଯାଇଥାଏ। ଲୋକ ବିଶ୍ୱାସ ରହିଛି, ଏହି କାର୍ଯ୍ୟଟି କରା ନଗଲେ କ୍ଷେତ ମନଉଣା କରିଥାଏ ଏବଂ ପରିଣାମସ୍ୱରୂପ ଭଲ ଫସଲ ହୋଇପାରି ନଥାଏ। ଏହି ପରମ୍ପରା ଏହାହିଁ ସୂଚାଇଥାଏ, କ୍ଷେତ ନିର୍ଜୀବ ନୁହେଁ, ତା'ଠାରେ ମଧ୍ୟ ପ୍ରାଣସତ୍ତା ରହିଛି। ତେଣୁ ତା' ସହିତ ଅନୁରୂପ ବ୍ୟବହାର ପ୍ରଦର୍ଶନର ଆବଶ୍ୟକତା ରହିଛି।

**ଦଶହରା ପର୍ବ:**

ଦଶହରା ପର୍ବ ମୟୂରଭଞ୍ଜରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ଅବସରରେ ସମଗ୍ର ଜିଲ୍ଲାର ବିଭିନ୍ନ ସହର ତଥା ଗ୍ରାମାଞ୍ଚଳରେ ଦେବୀଦୁର୍ଗାଙ୍କୁ ଆବାହନ କରାଯାଇଥାଏ। ଅବଶ୍ୟ ବହଳଦା ସହରରେ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। ଏହି ସହରରେ କୌଣସି ସ୍ଥାନରେ ଦେବୀଙ୍କୁ ପୂଜା କରିବାର ଦେଖାଯାଏ ନାହିଁ। ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ, ଏହି ସହର ମାଆ କୀଚକେଶ୍ୱରୀଙ୍କ ସକାଶେ ପ୍ରସିଦ୍ଧ। ଏଠାରେ ବହୁ ପ୍ରାଚୀନ କାଳରୁ ରାଜାରାଜୁଡ଼ାଙ୍କ ଅମଳରୁ ଠାକୁରାଣୀଙ୍କ ମନ୍ଦିର ରହିଛି। ତେଣୁ ଦଶହରା ବେଳକୁ ମନ୍ଦିରରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ। ଦୁର୍ଗାପୂଜା ସକାଶେ ଜିଲ୍ଲାରେ ରାଇରଙ୍ଗପୁର ସହରର ଖ୍ୟାତି ରହିଛି। ଏଠାରେ ବହୁସଂଖ୍ୟକ ଲୋକଙ୍କର ସମାଗମ ହୋଇଥାଏ। ବିଶେଷତଃ ରାତ୍ରକାଳୀନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଛଉନୃତ୍ୟ, ଅପେରା, ବାଇନାଚ ଓ ଆଦିବାସୀ ନାଟକମାନ ପ୍ରଦର୍ଶନ କରାଯାଉଥିବା ହେତୁ ହଜାର ହଜାର ଦର୍ଶକ ରାତିତମାମ ଭ୍ରମଣ କରୁଥିବା ଦେଖାଯାଇଥାଏ।

ଏତେବେଳକୁ ଆଦିବାସୀ ସାନ୍ତାଳ ସମାଜରେ ଏକ ନୃତ୍ୟ ପରିବେଷଣ କରାଯିବାର ପରମ୍ପରା ରହିଛି; ଯାହାକୁ ଦାଁସାୟ ନୃତ୍ୟ କୁହାଯାଇଥାଏ। ଏହା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ପ୍ରଦର୍ଶନ କରାଯାଇଥାଏ।



ପ୍ରକୃତପକ୍ଷରେ ନୃତ୍ୟଟି ଗୁରୁଶିଷ୍ୟଙ୍କର ବୋଲି ଜଣାଯାଇଥାଏ। ଯେଉଁ ଗୁରୁମାନେ ତନ୍ତ୍ରବିଦ୍ୟା ଶିକ୍ଷା ପ୍ରଦାନ କରିବା ସକାଶେ ଶିଷ୍ୟ ଗ୍ରହଣ କରିଥାନ୍ତି, ସେହି ଶିଷ୍ୟମାନଙ୍କ ପରୀକ୍ଷା ନେବା ସକାଶେ ଏହି ଧରଣର ନୃତ୍ୟ କରାଯାଇଥାଏ ବୋଲି ଲୋକବିଶ୍ୱାସ ରହିଛି। ସେହିପରି ମଧ୍ୟ ଅନ୍ୟ ଏକ କିଂବଦନ୍ତୀ ଅନୁସାରେ ଆଇନମ୍, କାଜଲ ନାମକ ଦୁଇ ବୀରାଙ୍ଗନା ଓ ଦିବି, ଦୁର୍ଗା ନାମକ ଦୁଇ ସାହସୀ ଯୁବକଙ୍କ ଅନୁସନ୍ଧାନ ସକାଶେ ଏହି ନୃତ୍ୟ ପରିବେଷଣ କରାଯାଇ ଆସୁଥିବା କୁହାଯାଇଥାଏ।

**ଇନ୍ଦପର୍ବ:**

ଇନ୍ଦପର୍ବ ମୟୂରଭଞ୍ଜର ଏକ ନିଆରା ପର୍ବ। ଏହା ସୁନିଆ ଅବସରରେ ବହଳଦାଠାରେ ଏକମାସ ଧରି ପାଳନ କରାଯାଇଥାଏ। ସୁନିଆ ଦିନ ବହଳଦାର ଇନ୍ଦ ସାହିରେ ନିର୍ଦ୍ଦିଷ୍ଟ ବିଧିମୁତାବକ ପୂଜା କରାଯାଇଥାଏ ଏବଂ ଏଠାରେ ଇନ୍ଦ ଖମ୍ବକୁ ସ୍ଥାପନ କରାଯାଇଥାଏ। ଏହା କୋଡ଼ିଏ ପଚିଶ ହାତ ଲମ୍ବର ଏକ ଶାଳଗଣ୍ଡି; ଯାହା ଉପରେ ଧଳାକପଡ଼ାର ଏକ ଛତ୍ର ସ୍ଥାପନ କରାଯାଇଥାଏ। ଏହାକୁ ଇନ୍ଦ କୁହାଯାଏ। ଏହି ପର୍ବ ଏକ ପବିତ୍ର ପର୍ବ ବୋଲି ଲୋକବିଶ୍ୱାସ ରହିଛି। ଏଥିରେ ଅଂଶଗ୍ରହଣ କରିବା ସକାଶେ ବହୁ ଦୂରଦୂରାନ୍ତରରୁ ଲୋକମାନେ ଆସିଥାନ୍ତି। କେବଳ ସାଧାରଣଲୋକ ନୁହନ୍ତି; ଦେବଦେବୀଙ୍କର ମଧ୍ୟ ସମାଗମ ହେଉଥିବାର ବିଶ୍ୱାସ କରାଯାଇଥାଏ।

ପର୍ବ ପାଳନ ଅବସରରେ ସମଗ୍ର ଭଞ୍ଜଭୂମି ଓ ଏହାର ଆଖପାଖ ସମସ୍ତ ପଡ଼ୋଶୀ ରାଜ୍ୟରେ ମଧ୍ୟ ଏହା ପାଳନ କରାଯାଉଥିବା ଦେଖାଯାଏ। ପର୍ବପାଳନର ଚିହ୍ନ ସ୍ୱରୂପ ନିଜ ବାସଗୃହ, କୃଷିକ୍ଷେତ୍ର, ଗୋବର ଗଦା ଆଦି ସ୍ଥାନରେ ବୃକ୍ଷକୁ କାଟି ଅଗ୍ରଭାଗ (ଶୀର୍ଷ)ରେ କିଛି ପତ୍ରରଖି ସିଧା ପୋତାଯାଇଥାଏ। ଏହାକୁ ଇନ୍ଦ ଡାଙ୍ଗ ବୋଲି କୁହାଯାଇଥାଏ। ବିଶ୍ୱାସ କରାଯାଏ, ଏହି ଡାଙ୍ଗ ସ୍ଥାପନ ନ କଲେ ଲକ୍ଷ୍ମୀ ତଥା ଗୃହଲକ୍ଷ୍ମୀ ଇନ୍ଦ ଦେଖିବା ପାଇଁ ଅନ୍ୟ ସ୍ଥାନକୁ ଚାଲିଯିବେ। ତେଣୁ ସେମାନଙ୍କ ପାଖରେ ଏହାକୁ ସ୍ଥାପନ କଲେ ସେମାନେ ଅନ୍ୟତ୍ର ଯିବେ ନାହିଁ। ଅର୍ଥାତ୍ ଲକ୍ଷ୍ମୀଛଡ଼ା ହେବାର ଭୟ ଆଉ ରହିବ ନାହିଁ। ପୂର୍ବରୁ ମୟୂରଭଞ୍ଜ ମହାରାଜାଙ୍କ ଶାସନ ସମୟରେ ଏହି ଉତ୍ସବ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବାର ଜଣାଯାଇଥାଏ।

**ସହରାୟ / ବନ୍ଦନା ପର୍ବ:**

କାଳୀପୂଜା ଅବସରରେ ମୟୂରଭଞ୍ଜରେ ସହରାୟ ପର୍ବ ହର୍ଷ ଓ ଉଲ୍ଲାସର ସହ ପାଳନ କରାଯାଇଥାଏ। ସାନ୍ତାଳ, ମୁଣ୍ଡା, ମାହାଲୀ, ବୀରହଳ, ହୋ ପ୍ରଭୃତି ଗୋଷ୍ଠୀର ଆଦିବାସୀ ସମାଜରେ ଏହି ପର୍ବ ପାଳନ କରାଯିବାର ପରମ୍ପରା କେଉଁ ଆବହମାନ କାଳରୁ



ରହିଆସିଛି। ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ, ଏହି ପର୍ବଟିକୁ ମାହାତୋ ତଥା କୁଶ୍‌ବୀ ସମ୍ପ୍ରଦାୟର ଲୋକମାନେ ବନ୍ଦନା ପର୍ବ ନାମରେ ନାମକରଣ କରିଥାନ୍ତି। ଉଭୟ ଗୋଷ୍ଠୀର ଲୋକଙ୍କ ପର୍ବପାଳନ ବିଧି ପ୍ରାୟତଃ ଏକପ୍ରକାରର ହୋଇଥାଏ। ପର୍ବଟି ମୁଖ୍ୟତଃ ଗୋ ମହିଷାଦିଙ୍କ ସକାଶେ ଉଦ୍ଦିଷ୍ଟ। ବିଶେଷତଃ ଯେଉଁସବୁ ପ୍ରାଣୀ କୃଷିକାର୍ଯ୍ୟରେ ସହାୟତା ପ୍ରଦାନ କରିଥାନ୍ତି, ସେମାନଙ୍କ ସକାଶେ ପର୍ବଟି ପାଳନ କରାଯାଇଥାଏ। ସେମାନଙ୍କୁ ବନ୍ଦାପନା ସହ ଶିଙ୍ଗରେ ତେଲ ଲଗାଇ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ସେହିପରି ସେମାନଙ୍କ ଶିଙ୍ଗରେ ଧାନକେଣ୍ଡାରେ ଗୁନ୍ଥା ଯାଇଥିବା ଧାଓ୍ୱାଁ (ଝାଡୁ ଆକୃତିର)କୁ ପିନ୍ଧାଇ ଦିଆଯାଇ ମାଦଳ ବଜାଇ ନଚା ଯାଇଥାଏ। କେବଳ ଏତିକି ନୁହେଁ, ଗୁହାଳଘରର ଦ୍ୱାର ଦେଶରେ ଦୀପ ପ୍ରଜ୍ଜ୍ୱଳ କରାଯିବାର ମଧ୍ୟ ପରମ୍ପରା ରହିଛି। ଏହି ପ୍ରାଣୀଙ୍କ ସନ୍ତୁଷ୍ଟି ବିଧାନ ସକାଶେ ବିଭିନ୍ନ ସଙ୍ଗୀତ ବୋଲାଯିବାର ବିଧି ରହିଛି। ସେହିପରି ସେମାନଙ୍କ ନିବାସସ୍ଥଳ ଗୁହାଳ ଘରେ ଗୃହ ଦେବତା ଓ ପୂର୍ବପୁରୁଷଙ୍କ ପୂଜା ଆରାଧନା କରାଯାଇଥାଏ।

ଲୋକବିଶ୍ୱାସ ରହିଛି, ଏହି ଧରଣର ପୂଜା ଆରାଧନା ଦ୍ୱାରା ଗୋସମ୍ପଦର ଅଭିବୃଦ୍ଧି ଘଟିବା ସମେତ ଧନସମ୍ପଦର ବୃଦ୍ଧି ହୋଇଥାଏ। ଅର୍ଥାତ୍ ମନୁଷ୍ୟ ଓ ପଶୁସମ୍ପଦର ମଙ୍ଗଳ କାମନା କରିବା ହିଁ ପର୍ବପାଳନର ମୁଖ୍ୟ ଉଦ୍ଦେଶ୍ୟ। କେବଳ ଘରେ ବା ପରିବାର ମଧ୍ୟରେ ଏହା ସୀମିତ ନୁହେଁ, ଗ୍ରାମର ସାମୂହିକ କଲ୍ୟାଣ ସକାଶେ ଗୋଠପୂଜା ଗ୍ରାମର ପୂଜକ (ନାୟକେ)ଙ୍କ ଦ୍ୱାରା କରାଯାଇଥାଏ। ଦେଖିବାକୁ ଗଲେ, ପର୍ବଟି ପାଞ୍ଚଦିନ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନକୁ ଉମ୍ (ସମ୍ମାନ) ଦିବସ, ଦ୍ୱିତୀୟ ଦିନଟିକୁ ଗୋଠପୂଜା (ଗଟ୍‌ବଙ୍ଗା), ତୃତୀୟ ଦିନଟିକୁ ଦାକାୟହିଲଃ (ଅନ୍ନ ଦିବସ), ଚତୁର୍ଥ ଦିନ ହେଉଛି ଖୁଣ୍ଟାଉ (ବାନ୍ଧି ନଚାଇବା) ଦିବସ, ଶେଷ ବା ପଞ୍ଚମ ଦିନକୁ ପେଟେଜ୍ ଲାପୁଃ (ତୁଷ ସଂଗ୍ରହ) ଦିନ ଭାବେ ପାଳନ କରାଯାଇ ଥାଏ।

**ମକର ପର୍ବ (ସାକ୍ରାତ୍ ପାରାବ୍):**

ମକର ସଂକ୍ରାନ୍ତି ଅବସରରେ ମୟୂରଭଞ୍ଜରେ ମହାଆଡ଼ମ୍ବର ସହକାରେ ମକର ପର୍ବ ପାଳନ କରାଯାଇଥାଏ। ଏହାକୁ ଏହି ମାଟିର ସବୁଠାରୁ ବଡ଼ ପର୍ବର ମାନ୍ୟତା ଦିଆଯାଇଛି। ପର୍ବଟିକୁ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନଟିକୁ ବାଉଁଡ଼ି ରୂପରେ ଆଦିବାସୀ ସମାଜରେ ପାଳନ କରାଯାଇଥାଏ। ଏହି ଦିନ ପ୍ରତ୍ୟେକଙ୍କ ଘରେ ମାଛଭାତର ବ୍ୟବସ୍ଥା କରାଯାଇଥାଏ। ସେଦିନର ରାତ୍ରଭୋଜନରେ ଏହା ପରଷା ଯାଇଥାଏ। ଏହି ଦିନ ଧନୀଗରିବ ସମସ୍ତେ ଶାଳପତ୍ର ଖୋଲି ଓ ଜୁନାରେ ଖାଦ୍ୟ ଗ୍ରହଣ କରିଥାନ୍ତି। ପରିବାରର ଅନ୍ୟ ସଦସ୍ୟମାନେ ଅନ୍ନସଂସ୍ଥାନ ଅବା ଅନ୍ୟ କୌଣସି କାରଣ ସକାଶେ ବାହାରେ ଅବସ୍ଥାନ କରୁଥିଲେ, ତାଙ୍କ ନାମରେ ଖୋଲି ଚଉଡି ପକାଯାଇଥାଏ। ଲୋକବିଶ୍ୱାସ ରହିଛି, ଏହି ଦିନ ରାତିରେ ସ୍ୱୟଂ (ଚାନ୍ଦବଙ୍ଗା) ଭଗବାନ ମର୍ତ୍ତ୍ୟଲୋକକୁ ଅବତରଣ କରିଥାନ୍ତି ଏବଂ ଜନଗଣନା କରିଥାନ୍ତି। ତେଣୁ କୁହାଯାଇଥାଏ ଏବର୍ଷ ଯେତିକି ଖୋଲି ଚଉଡି ପଡ଼ିଛି, ଆସନ୍ତାବର୍ଷ ବେଳକୁ ତାହା ନ କମି ଯେପରି ବଢ଼ିବ, ଭଗବାନ ସେହି ଆଶୀର୍ବାଦ ଦିଅନ୍ତୁ।

ବାଉଁଡ଼ି ବା ଚାଉଳଧୂଆ ପରଦିନ ମକର ପର୍ବର ମୁଖ୍ୟଦିନ। ଏହି ଦିନକୁ ମକରପର୍ବ ଦିନ ଭାବରେ ସର୍ବତ୍ର ପାଳନ କରାଯାଇଥାଏ। ଏହିଦିନ ପାହାନ୍ତାପହରୁ ଗାଁର ପିଲାମାନେ ନଦୀ ବା ପୋଖରୀ କୂଳରେ ଅଘରିଆ ନିର୍ମାଣ କରି ଅଗ୍ନି ସଂଯୋଗ କରିଥାନ୍ତି। ଏହା ହୁ ହୁ ହୋଇ ଜଳୁଥାଏ। ଅପରପକ୍ଷରେ ପିଲା ହାତତାଳି ବଜାଇ ହରିବୋଲ



ଧ୍ୱନି ଉଚ୍ଚାରଣ ପୂର୍ବକ ନାଚିନାଚି ତାହାର ଚତୁଃପାର୍ଶରେ ପରିକ୍ରମା କରିଥାନ୍ତି। ଅବଶ୍ୟ ଏତେବେଳକୁ ଏହି ପିଲାମାନେ ସକାଳୁ ସ୍ନାନକ୍ରିୟାଦି ସମାପନ କରିଦେଇଥାନ୍ତି। କୁହାଯାଏ, ରାମାୟଣ ଯୁଗରେ ସ୍ୱୟଂ ହନୁମାନ ଏହି ଦିନ ସୁବର୍ଣ୍ଣଲଙ୍କାରେ ନିଆଁ ଲଗାଇଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କର ଏହି କାର୍ଯ୍ୟର ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଅଘରା ପୋଡ଼ି ଆଜି ପର୍ଯ୍ୟନ୍ତ କରାଯାଇଆସୁଛି। ସମସ୍ତଙ୍କ ସକାଶେ ଏହି ଦିନ ଏକ ବିଶେଷ ଦିନ, ସମସ୍ତେ ଏହି ଦିନରେ ନୂତନ ବସ୍ତ୍ର ଧାରଣ କରିଥାନ୍ତି। ସମସ୍ତଙ୍କ ଘରେ ପିଠାପଣା, ଚୂଡ଼ା, ଗୁଡ଼, ମୁଢ଼ି, ମାଂସ, ଭାତ ଆଦିର ବ୍ୟବସ୍ଥା କରାଯାଇଥାଏ। ଅଞ୍ଚଳଟି ଉତ୍ସବମୁଖର ହୋଇଉଠିଥାଏ। ଏହିଦିନ ପ୍ରତ୍ୟେକ ସାନ୍ତାଳ ଗ୍ରାମରେ ଅପରାହ୍ନରେ 'ବେଝାବନ୍ଧା' ଅନୁଷ୍ଠିତ ହୋଇଥାଏ। ଗ୍ରାମର ନାୟକେ (ପୂଜକ) ଏକ କଦଳୀ ଗଛ କିମ୍ବା ଜଡ଼ା ଗଛକୁ ନିର୍ଦ୍ଦିଷ୍ଟ ବିଧିମୁତାବକ ପୂଜାର୍ଚ୍ଚନା ଅନ୍ତେ ଗ୍ରାମ ପାଖ ବିଲ କିମ୍ବା ପ୍ରାନ୍ତରରେ ସ୍ଥାପନ କରନ୍ତି। ତାହାକୁ ଗ୍ରାମର ଯୁବକମାନେ ତୀର ମାରିଥାନ୍ତି। ଯେଉଁ ଯୁବକ ସର୍ବପ୍ରଥମେ ଲକ୍ଷ୍ୟଭେଦ କରିବାକୁ ସମର୍ଥ ହୁଅନ୍ତି, ତାହାଙ୍କୁ ବିଜେତା ଭାବେ ସମ୍ମାନିତ କରାଯିବାର ପରମ୍ପରା ରହିଛି।

ମକରପର୍ବର ତୃତୀୟ ଦିନଟିକୁ ଆଖାନ୍ ଦିବସ ରୂପେ ପାଳନ କରାଯାଇଥାଏ। ଏହିଦିନକୁ ମଧ୍ୟ ଏକ ପବିତ୍ର ଦିନଭାବେ ଗ୍ରହଣ କରାଯାଇଆସିଛି। ଏହିଦିନ ଶୁଭଦିନ ହୋଇଥିବା ହେତୁ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଯଥା:

୧. ବାଛୁରୀମାନଙ୍କର ପଛ ଫଳିଆରେ ପରିବାର ବା ବଂଶର ସନ୍ତକ ଦିଆଯାଇଥାଏ।

୨. ନୂଆ ଘର ନିର୍ମାଣ କରିବାର ଯୋଜନା ଥିଲେ, ଏହିଦିନ ତାହାର ଅନୁକୂଳ କରାଯାଇଥାଏ।

୩. କ୍ଷେତରେ ହଳ ବୁଲାଇ କୃଷିକାର୍ଯ୍ୟର ଅନୁକୂଳ କରାଯାଇଥାଏ।

୪. ପୁଅଙ୍କ ସକାଶେ କନ୍ୟା ଖୋଜିବାର ଆବଶ୍ୟକତା ଥିଲେ, ସେହି କଥାକୁ ପରିବାରର ଗୁରୁସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା କରାଯାଇଥାଏ।

୫. ନିଜର ସାଧ୍ୟାନୁସାରେ ଦାନଧର୍ମ କାର୍ଯ୍ୟ କରାଯାଇଥାଏ।

୬. ସାନ୍ତାଳ ସମାଜର ପିଣ୍ଡଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ।

୭. ବହୁସ୍ଥାନରେ ଆଖାନଯାତ୍ରା (ଟୁସୁଭସାଣ) ଅନୁଷ୍ଠିତ ହୁଏ।

୮. ଭାଗଚାଷର ସେହିବର୍ଷ ସକାଶେ କଥାବାର୍ତ୍ତା କରାଯାଇଥାଏ।

୯. ବାରମାସିଆ (କାମକରିବା ଲୋକ)ଙ୍କ ସମ୍ବନ୍ଧରେ ମଧ୍ୟ ଏହି ଦିନ କଥାବାର୍ତ୍ତା କରାଯାଇଥାଏ।

**ଫାଗୁନ୍ ପାରାବ୍ (ଫଗୁଣ ପର୍ବ):**

ଫଗୁଣ ମାସରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣି ସମଗ୍ର ମୟୂରଭଞ୍ଜକୁ ଚଳଚଞ୍ଚଳ କରିଦେଇଥାଏ। ଏତେବେଳକୁ ବଣଜଙ୍ଗଲର ସବୁଜିମାରେ ପରିପୂର୍ଣ୍ଣ ଥାଏ ଏହି ଜିଲ୍ଲା। ଅପରୂପ ସୌନ୍ଦର୍ଯ୍ୟ ଧାରଣ କରିଥାଏ। ବିଭିନ୍ନ କିସମର ପୁଷ୍ପରାଶି ପ୍ରସ୍ଫୁଟିତ ହୋଇ ସମଗ୍ର ପରିବେଶକୁ ଉନ୍ମାଦନାରେ ପରିପୂର୍ଣ୍ଣ କରିଦେଇଥାଏ। ସତରେ ପ୍ରକୃତିରାଣୀ ନବବଧୂଙ୍କ ପରି ଅପୂର୍ବ ରୂପ ଧାରଣ କରିଥାଏ। ବୃକ୍ଷଡାଳରେ କୋକିଳର କୁହୁତାନ ଗାଁ ଆଖଡ଼ାରେ କିଶୋରୀଙ୍କ ସୁମଧୁର କଣ୍ଠର ଲହଡ଼ି ପରିବେଶକୁ ବେଶ୍ ମନମତାଣିଆ କରିଦେଇଥାଏ, ଯାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ଏତେବେଳକୁ ଏଠାରେ ଯେଉଁସବୁ ପର୍ବପର୍ବାଣି ପାଳନ କରାଯାଇଥାଏ, ବାସ୍ତବରେ ତାହା ଉପଭୋଗଯୋଗ୍ୟ।

ମୟୂରଭଞ୍ଜର ପର୍ବପର୍ବାଣି ବାସ୍ତବରେ ଏକ ନିଆରା ଢଙ୍ଗର। ଏଥିରେ ଉଭୟ ଆର୍ଯ୍ୟ ଓ ଅନାର୍ଯ୍ୟ ଗୋଷ୍ଠୀଙ୍କ ପ୍ରଭାବ ରହିଥିବା ଦୃଷ୍ଟିଗୋଚର ହୋଇଥାଏ। ଏହି ପର୍ବପର୍ବାଣିଗୁଡ଼ିକ କେଉଁ ଆବହମାନ କାଳରୁ ମୟୂରଭଞ୍ଜର ଗରିମାକୁ ବୃଦ୍ଧି କରିବାରେ ସହାୟକ ହୋଇଆସିଛି। କେବଳ ସେତିକି ନୁହେଁ, ଏଠାକାର ଜନସାଧାରଣଙ୍କ ମଧ୍ୟରେ ଐକ୍ୟଭାବ ସୃଷ୍ଟି କରିବା କ୍ଷେତ୍ରରେ ଏସବୁର ଯଥେଷ୍ଟ ଭୂମିକା ରହିଛି।

(ଫଟୋ ସୌଜନ୍ୟ: ଇଣ୍ଟରନେଟ୍)


*With Best Compliments From:*



**MAA ASSOCIATES**
**&**
**MAA PHARMACEUTICALS**

BHUBANESWAR, MOB: 9337106973, 9437576973
EMAIL: maapharmaceuticals@gmail.com